# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21st July - 2025**

**************************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜିପାଇଁ ମୁଲତବୀ ।

— ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

- ରାଜ୍ୟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରୟ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ; ସୂଚନା ଦେଲେ ଯୋଗାଣ ମନ୍ତ୍ରୀ ।

- କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରତିଷ୍ଠା ହେବ ମେଡିକାଲ୍ କଲେଜ ।

ଏବଂ

- ଯୁକ୍ତ ଦୁଇ ନାମଲେଖାପାଇଁ ପ୍ରକାଶ ପାଇଲା ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ।

*Pool*

# ସଂସଦ ଅଧିବେଶନ ମୁଲତବୀ

ଲୋକସଭା ଓ ରାଜ୍ୟସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ ଆଜିପାଇଁ ମୁଲତବୀ ରଖାଯାଇଛି । ଲୋକସଭାରେ ଆଜି ବିରୋଧୀ ଦଳ ସଦସ୍ୟମାନେ ପହଲ୍‌ଗାମ ସନ୍ତ୍ରାସବାଦ ଆକ୍ରମଣ ଓ ଅପରେସନ ସିନ୍ଦୂର ସମ୍ପର୍କରେ ତୁରନ୍ତ ଆଲୋଚନାପାଇଁ ଦାବି କରିଥିଲେ । ତିନିଥର ମୁଲତବୀ ପରେ ଅପରାହ୍ଣ ୪ଟାରେ ପୁଣି ସଦନକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ, ଡି.ଏମ୍.କେ., ସମାଜବାଦୀପାର୍ଟି ସମେତ ଅନ୍ୟାନ୍ୟ ଦଳର ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ସଦନ ପରିଚାଳନା ଅଧିକାରୀ  ପୂର୍ବ ନିର୍ଦ୍ଧାରିତ ତାଲିକା ଅନୁଯାୟୀ ଆଲୋଚନା କରିବାପାଇଁ ସଦସ୍ୟମାନଙ୍କୁ ନିବେଦନ କରିଥିଲେ । ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଉଭୟ ସଦନକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଇଛି । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନାପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ।

***Voice (Rijiju)*** :..........

*BBSR/R*

# ରାଜ୍ୟପାଳ - ମୁଖ୍ୟମନ୍ତ୍ରୀ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସାକ୍ଷାତ୍ କରିଛନ୍ତି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

# ପେଟ୍ରୋଲ୍ ବିକ୍ରି

ରାଜ୍ୟରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ଓ ଡିଜେଲ ବିକ୍ରିୟ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ପେଟ୍ରୋଲ୍ ପମ୍ପ୍ ସଂଘ ସହ ଭୁବନେଶ୍ୱର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଆସନ୍ତାକାଲିଠାରୁ ପେଟ୍ରୋଲ୍ ପମ୍ପ୍‌ଗୁଡ଼ିକ ଯାଞ୍ଚ୍ ହେବ । ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ୍ ବିକ୍ରିୟ କରାଯାଇପାରିବ ନାହିଁ । ତେବେ କାଚ ଓ ଟିଣ ଡବାରେ ପେଟ୍ରୋଲ୍ ବିକ୍ରିୟପାଇଁ ଅନୁମତି ଦିଆଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

*HS*

# କୋଟିଆ ଗସ୍ତ

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ଆଗାମୀ ଦିନରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ କୋଟିଆ ଗସ୍ତରେ ଯିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଖୁବ୍‌ଶୀଘ୍ର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ କୋଟିଆ ଗସ୍ତରେ ଯିବେ । ଏହାସହ ଆନ୍ଧ୍ର ପ୍ରଦେଶର ଅଧିକାରୀଙ୍କ ଅନୁପ୍ରବେଶକୁ ରୋକିବାପାଇଁ ଏକ ପୁଲିସ୍ ଫାଣ୍ଡି ପ୍ରତିଷ୍ଠା ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

***Kandhamal/R***

# ମୁଖ୍ୟମନ୍ତ୍ରୀ-ସାଂସଦ ଆଲୋଚନା

କନ୍ଧମାଳର ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସାମଗ୍ରିକ ବିକାଶ ନେଇ ଆଲୋଚନା କରିବା ସହିତ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ଗୋପାଳପୁର-ରେଢ଼ାଖୋଲ ରେଳଲାଇନ୍‌ରେ ଫୁଲ୍‌ବାଣୀ ସହରର ସଂଯୋଗୀକରଣ, ଉଡ଼ାନ୍ ଯୋଜନା ଅଧୀନରେ ଆକାଶପଥରେ ଫୁଲବାଣୀ ନିକଟରେ ଥିବା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ଏବଂ ଜାତୀୟ ରାଜପଥ ୫୯କୁ

ଭଞ୍ଜନଗରରୁ କନ୍ଧମାଳ ଜିଲ୍ଲାର କଳିଙ୍ଗାକୁ ସମ୍ପ୍ରସାରିତ କରିବା ସହ କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳିର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଟେଲିଯୋଗାଯୋଗ ବ୍ୟବସ୍ଥା ଯୋଗାଇଦେବା ନେଇ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ସ୍ୱାସ୍ଥ୍ୟ, ଶିକ୍ଷା, ଜଳଯୋଗାଣ, ବିଦ୍ୟୁତ୍‌କରଣ, ଜଳସେଚନ, ଜୀବନଜୀବିକା, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ସମ୍ପର୍କରେ ମଧ୍ୟ କନ୍ଧମାଳ ସାଂସଦ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ମେଡିକାଲ୍ କଲେଜ

କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା ସମୟରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ରାଜ୍ୟ ସରକାର ଜିଲ୍ଲାର ଉନ୍ନତିପାଇଁ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତିକୁ ଖୁବ୍‌ଶୀଘ୍ର ପୂରଣ କରିବେ । ସରକାରଙ୍କ ମୁଖ୍ୟ ୨୧ଟି ଇସ୍ତାହାର ମଧ୍ୟରେ ମେଡିକାଲ୍ କଲେଜ ପ୍ରତିଷ୍ଠା ସ୍ଥାପ ପାଇଛି ।

*Desk*

# ବାୟୁ ସ୍ୱାସ୍ଥ୍ୟସେବା

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ଏହି କ୍ରମରେ ନୂଆପଡ଼ା ଜିଲ୍ଲାରେ ଆଜି କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ବିଶେଷଜ୍ଞ ଦଳ ପହଞ୍ଚି ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ରୋଗୀଙ୍କ ଚିକିତ୍ସା କରିଛନ୍ତି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :

*ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାରେ ବିଶେଷ ସହାୟକ ହୋଇଛି । ଆଜି ସ୍ୱତନ୍ତ୍ର ଡାକ୍ତରୀଦଳ ନୂଆପଡ଼ାରେ ଚିକିତ୍ସାପାଇଁ ପଞ୍ଜୀକରଣ କରିଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି । ଏହି ଦଳ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୬୩୨ ଜଣ ରୋଗୀ ଚିକିତ୍ସାପାଇଁ ପଞ୍ଜୀକରଣ କରିଛନ୍ତି ।*

*ଆକାଶବାଣୀ କଟକ ସମ୍ବାଦ ବିଭାଗପାଇଁ ମୁଁ ଆଶୁତୋଷ ପତି ।*

HS

## ଯୁକ୍ତ ଦୁଇ - ମେଧାତାଲିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଯୁକ୍ତ ଦୁଇରେ ନାମଲେଖାପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇଛି । ଏଥିରେ ୫୨ ହଜାର ୯୫୫ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । କଳାରେ ୩୮ ହଜାର ୧୬୫, ବାଣିଜ୍ୟରେ ୨ ହଜାର ୪୦୩, ବିଜ୍ଞାନରେ ୧୧ ହଜାର ୮୭୭ ଏବଂ ଧନ୍ଦାମୂଳକ ଶିକ୍ଷାରେ ୩୩୯ ଜଣ ଛାତ୍ରଛାତ୍ରୀଙ୍କ ତାଲିକା ରହିଛି

HS

## ସୁଭଦ୍ରା ଶକ୍ତି ପ୍ରତିଯୋଗିତା

ଭୁବନେଶ୍ୱରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ପ୍ରତି ଜିଲ୍ଲାରୁ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀ - ଏସ୍.ଏଚ୍.ଜି. ଗ୍ରୁପ୍ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ । ସେଥିମଧ୍ୟରୁ ୧୦ଟି ଏସ୍.ଏଚ୍.ଜି ଗ୍ରୁପ୍ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟୀ ହେବା ସହ ଫାଇନାଲ୍ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତାକାଲି ଫାଇନାଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

*Malkangir/R*

## ତାଲିମ ଶିବିର - ସମ୍ଭବ

ମାଲକାନଗିରି ଜିଲ୍ଲାର ଉଚ୍ଚ ବାଳକ ବିଦ୍ୟାଳୟଠାରେ ଜିଲ୍ଲାର ୧୨୯ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କର ପାଞ୍ଚଦିନିଆ ତାଲିମ୍ ଶିକ୍ଷଣ ପେଟିକା 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ପ୍ରଧାନ ଶିକ୍ଷକମାନଙ୍କ ନେତୃତ୍ୱ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ଏନ୍.ସି.ଏଫ୍. ଓ ଏନ୍.ଇ.ପି.-୨୦୨୦ର ଉଦ୍ଦେଶ୍ୟ, ଶୈକ୍ଷିକ ଲକ୍ଷ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା । ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ

ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣ। ଯେଉଁ ଶ୍ରୋତାବନ୍ଧୁମାନେ ମନ୍ କୀ ବାତ୍‌ରେ ନିଜ ନିଜର ମତ ଦେବାକୁ ଚାହୁଁଛନ୍ତି, ସେମାନେ ୱେବ୍‌ସାଇଟ୍ ମାଇଁ ଗଭ୍ ଡଟ୍ ଇନ୍'ର ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ରେ ଫୋନ୍ କରି ସେମାନଙ୍କର ମତାମତ ରେକର୍ଡ଼ କରିପାରିବେ ।

***Rayagada, Nuapada, Deogarh, Gajapati, Nayagarh, Bhadrak, Sonepur/R***

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୫୬ଟି ଅଭିଯୋଗର ଶୁଣାଣି ହୋଇଛି ।

ନୂଆପଡ଼ା ଖଡ଼ିଆଳ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ବିଭିନ୍ନ ଅଭିଯୋଗର ସମାଧାନପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ରାଇତାବହାଲ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୫୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ସମ୍ବଲପୁର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମୀଣ ମୁଖ୍ୟ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ୩୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୬୧ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ଭଦ୍ରକ ଜିଲ୍ଲାର ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ ରାଉତରାୟ ୧୬୭ଟି ଅଭିଯୋଗର ଶୁଣାଣି କରିବା ସହ ରେଡ୍‌କ୍ରସ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଜଣ ବ୍ୟକ୍ତିଙ୍କୁ ୬୭ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅନ୍ୟା ଦାଶ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନାୟକ ୭୩ଟି ଅଭିଯୋଗର ଶୁଣାଣି କରିଥିଲେ ।

***Gajapati/R***

# ଅନ୍ତର୍ଜାତୀୟ ଚେସ୍ ଦିବସ

ବୌଦ୍ଧଠାରେ ଜିଲ୍ଲା ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ଚେସ୍ ଖେଳାଳି ଏବଂ କୋଚ୍ ସନ୍ତୋଷ କୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

*Desk*

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହ ଦକ୍ଷିଣ ଓଡିଶା ଓ ଉପକୂଳ ଆନ୍ଧ୍ରପ୍ରଦେଶ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****